# NATIONAL NEWS BULLETIN (ODIA)

**29 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମନ୍ କି ବାତ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ କରିବେ ଭାବବିନିମୟ
- ନାଗାଲ୍ୟାଣ୍ଡ ପୌରପାଳିକା ନିର୍ବାଚନରେ ଜାରି ରହିଛି ଭୋଟ ଗଣତି
- ଲଦାଖରେ ଏକ ନଦୀରେ ଟ୍ୟାଙ୍କ ବୁଡ଼ିଯିବାରୁ ୫ ଜଣ ଯବାନ ଶହୀଦ
- ଇରାନରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ଶେଷ

ଏବଂ

- ଆଇସିସି ଟି-୨୦ କ୍ରିକେଟ୍ ବିଶ୍ୱକପ୍ ଚମ୍ପିୟାନ୍ ଲକ୍ଷ୍ୟରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ

---

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ଏହା ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୧୧ତମ ସଂସ୍କରଣ ହେବ । ତୃତୀୟଥର ଲାଗି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ପ୍ରଥମ ମନ୍ କି ବାତ୍ କାର୍ଯ୍ୟକ୍ରମ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।

## ନାଗାଲ୍ୟାଣ୍ଡ ଇଲେକ୍ସନ

ନାଗାଲ୍ୟାଣ୍ଡରେ ୩ଟି ନଗରପାଳିକା ଏବଂ ୨୧ଟି ନଗରପରିଷଦ ପାଇଁ ଆଜି ସକାଳ ୮ଟାରୁ  ନିର୍ବାଚନ ଗଣତି ଆରମ୍ଭ ହୋଇଛି । ସର୍ବମୋଟ୍ ରାଜ୍ୟର ୧୦ଟି ଜିଲ୍ଲାରେ ୧୬ଟି ମତଗଣନା କେନ୍ଦ୍ର ଏବଂ ୧୨୫ଟି ମତଗଣନା ଟେବୁଲ୍ ରହିଛି । ଐତିହାସିକ ୟୁଏଲ୍‌ବି ନିର୍ବାଚନ ୨୬ ଜୁନ୍‌ରେ ଅନୁଷ୍ଠିତ ହୋଇଥିଲା । ସେଥିରେ ୩୩ ପ୍ରତିଶତ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ରଖାଯାଇଥିଲା । ୧୧ଟି ରାଜନୈତିକ ଦଳର ୩୨୫ ଜଣ ପୁରୁଷ ଏବଂ ୧୯୮ ଜଣ ମହିଳାଙ୍କ ସମେତ ମୋଟ୍ ୫୨୩ ଜଣ ପ୍ରାର୍ଥୀ ୨୧୩ଟି ପଦବୀ ପାଇଁ ନିର୍ବାଚନ ଲଢ଼ିଥିଲେ । ଏହା ପୂର୍ବରୁ ୬୪ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । ସେଠାରେ ମୋଟ୍ ୮୧ ଦଶମିକ ୯/୮ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି ।

## ଝାଡ଼ଖଣ୍ଡ ଇଲେକ୍‌ଟ୍ରିସିଟି

ଝାଡ଼ଖଣ୍ଡ ସରକାର ଘରୋଇ ଉପଭୋକ୍ତାମାନଙ୍କ ପାଇଁ ମାଗଣା ୨୦୦ ୟୁନିଟ୍ ବିଜୁଳି ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି

ନିଆଯାଇଛି । କ୍ୟାବିନେଟ୍ ସଚିବ ବନ୍ଦନା ଦଳେଇ କହିଛନ୍ତି ଯେ ସରକାର ଏଥିପାଇଁ ପ୍ରତି ମାସରେ ପ୍ରାୟ ୨୧ କୋଟି ୭୦ ଲକ୍ଷ ଟଙ୍କାର ଅତିରିକ୍ତ ବୋଝ ଉଠାଇବେ । ସେ କହିଛନ୍ତି ଯୋଗ୍ୟତା ଭିତ୍ତିରେ ଏହି ଯୋଜନାରୁ ପ୍ରାୟ ୪୧ ଲକ୍ଷ ୪୦ ହଜାର ଉପଭୋକ୍ତା ଉପକୃତ ହେବେ ।

---

## ଅମରନାଥ ଯାତ୍ରା

ଶ୍ରୀ ଅମରନାଥଜୀଙ୍କ ବାର୍ଷିକ ଯାତ୍ରା ଔପଚାରିକ ଭାବେ ଆଜି କାଶ୍ମୀର ଘାଟିରେ ଉଭୟ ମାର୍ଗରେ ଆରମ୍ଭ ହୋଇଛି। ସେଠାରେ ୪ ହଜାର ୨୯ ତୀର୍ଥଯାତ୍ରୀମାନଙ୍କର ଦ୍ୱିତୀୟ ଯାତ୍ରା କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅମରନାଥ ଗୁମ୍ଫା ଅଭିମୁଖେ ଆରମ୍ଭ ହୋଇଛି ।ଏହି ଯାତ୍ରା ଜାମ୍ମୁରେ ଥିବା ଭଗବତୀନଗର ଯାତ୍ରୀ ନିବାସ ଆଧାର ଶିବିରରେ କାଶ୍ମୀର ଘାଟି ପର୍ଯ୍ୟନ୍ତ ବାହାରିଛନ୍ତି । ତୀର୍ଥଯାତ୍ରୀମାନେ ଆଜି ସକାଳ ସାଢ଼େ ୫ଟା ସମୟରେ ୨୦୦ଟି ବାହାନ ମାଧ୍ୟମରେ କାଫିଲେ ଆଧାର ଶିବିରରୁ ବାହାରିଛନ୍ତି । ସେଥିରେ ୨୯୩୫ ପୁରୁଷ, ୭୮୦ ମହିଳା, ୨୧ ଜଣ ଶିଶୁ, ୨୩୧ ଜଣ ସାଧୁ ଏବଂ ୬୨ ସାଧ୍ୱିକା ସାମିଲ ଅଛନ୍ତି ।ଏଥିରେ ୧୮୫୦ ତୀର୍ଥଯାତ୍ରୀ ବାଲ୍‌ଟାଲ୍ ଏବଂ ୨୧୭୯ ତୀର୍ଥଯାତ୍ରୀ ପହଲଗାମ୍ ଆଧାର ଶିବିର ପାଇଁ ବାହାରିଛନ୍ତି ।ଏହା ସହିତ ଜମ୍ମୁଠାରେ ଥିବା କ୍ୟାମ୍ପରେ ଅମରନାଥ ଗୁମ୍ଫା ମନ୍ଦିର ପାଇଁ ବାହାରିଥିବା ତୀର୍ଥଯାତ୍ରୀମାନଙ୍କ ସଂଖ୍ୟା ୮୬୩୨ରେ ପହଞ୍ଚିଛି ବୋଲି ଜମ୍ମୁରେ ଥିବା ଆମ ଆକାଶବାଣୀ ସମ୍ବାଦଦାତା ଜଣାଇଛନ୍ତି ।

---

## ବାଣ ବିସ୍ଫୋରଣ

ତାମିଲନାଡୁର ବିରୁଦ୍ଧାନଗର ଜିଲ୍ଲାର ସତୁର ଠାରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୪ ଜଣଙ୍କର ମୃତ୍ୟୁ ଘଟିଛି । ଏହି

କାରଖାନାରେ ୫୦ ଜଣ ଶ୍ରମିକ କାର୍ଯ୍ୟ କରୁଥିଲେ । ବାଣ ପ୍ରସ୍ତୁତି ସମୟରେ ଏହି ଦୁର୍ଘଟଣା ଘଟିଛି ବୋଲି ଜଣାପଡ଼ିଛି । ଏହି କାରଖାନାରେ ମୋଟ୍ ୧୫ଟି ଘର ରହିଥିବା ବେଳେ ସେଥିରୁ ୩ଟି ଘର ନଷ୍ଟ ହୋଇଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରାଯାଉଛି ।

## ଲଦାଖ- ଟ୍ୟାଙ୍କ୍

ଲଦାଖର ନିୟନ୍ତ୍ରଣରେଖା ନିକଟରେ ମନ୍ଦିର୍‌ମୋର୍ଘ ଅଞ୍ଚଳରେ ଦୌଲତବେଗ୍ ଓଲ୍‌ଡି ଠାରେ ଏକ ଟି-୭୨ ଟ୍ୟାଙ୍କ୍ ବୁଡ଼ିଯିବାରୁ ୫ ଜଣ ଯବାନ ଶହୀଦ ହୋଇଛନ୍ତି । ଏହି ଟ୍ୟାଙ୍କ୍‌ଟି ଯବାନଙ୍କୁ ନେଇ ଗତକାଲି ରାତିରେ ସିଓକ୍ ନଦୀ ପାର ହେଉଥିବା ବେଳେ ବୁଡ଼ିଯାଇଥିଲା । ନଦୀରେ ହଠାତ୍ ଜଳସ୍ତର ବୃଦ୍ଧି ପାଇବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନଦୀର ଜଳସ୍ରୋତ ଯୋଗୁଁ ଉଦ୍ଧାର କାର୍ଯ୍ୟ ବ୍ୟାହତ ହୋଇଥିଲା ।

ଏହି ଘଟଣାରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି ଦେଶ ପାଇଁ ବୀର ଯବାନଙ୍କ ସେବାକୁ ଦେଶବାସୀ କେବେ ବି ଭୁଲିପାରିବେ ନାହିଁ । ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇ ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି ଏହି ଦୁଃଖଦ ସମୟରେ ସେମାନଙ୍କ ନିକଟରେ ଦେଶବାସୀ ଦୃଢ଼ ଭାବେ ଛିଡ଼ା ହୋଇଛନ୍ତି ।

# ରୁଷ୍ ଫାୟାର

ରୁଷ୍‌ର ମସ୍କୋଠାରେ ଥିବା ଏକ ହଷ୍ଟେଲ୍‌ରେ ଅଗ୍ନିକାଣ୍ଡ ଘଟି ୫ ଜଣଙ୍କର ମୃତ୍ୟୁ ହୋଇଛି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବିଦ୍ୟୁତ୍ ସରବରାହରେ ତ୍ରୁଟି ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିଲା । ବାଲାଶିଖା ଉପାନ୍ତ ଅଞ୍ଚଳରେ ଥିବା ଦୁଇମହଲା ବିଶିଷ୍ଟ ଏହି ହଷ୍ଟେଲ୍‌ର ଅନେକ ଅନ୍ତେବାସୀଙ୍କୁ ଉଦ୍ଧାର କରାଯାଇଥିବା ସେଠାକାର ପ୍ରଶାସନ ସୂଚନା ଦେଇଛି । ଏହି ହଷ୍ଟେଲ୍‌ରେ ମୁଖ୍ୟତଃ ଦେଶ ବାହାରର ଶ୍ରମଜୀବୀ ରହୁଥିବା ଜଣାପଡ଼ିଛି ।

# ଇରାନ୍ ଇଲେକ୍ସନ

ଇରାନରେ ରାଷ୍ଟ୍ରପତି ନିର୍ବାଚନ ଶେଷ ହୋଇଛି । ପଶ୍ଚିମ ଏସୀୟ ଏହି ଦେଶରେ ଆସନ୍ତାବର୍ଷ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବାର ଥିଲା । କିନ୍ତୁ ଗତମାସରେ ହେଲିକପ୍ଟର ଦୁର୍ଘଟଣାରେ ରାଷ୍ଟ୍ରପତି ଇବ୍ରାହିମ୍ ରାଇସ୍‌ଙ୍କର ମୃତ୍ୟୁ ପରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଛି । ଦେଶରେ ୯୫ ରୁ ଅଧିକ ରାଜ୍ୟର ପାଖାପାଖି ୫୯ ହଜାର ମତଦାନ କେନ୍ଦ୍ରରେ ଭୋଟ୍ ଗ୍ରହଣ ହୋଇଛି । ଏହି ନିର୍ବାଚନରେ ସଂସଦର ବାଚସ୍ପତି ମହମ୍ମଦ ବାକିର୍ କାଲିବାଫ, ପୂର୍ବତନ ଆଭ୍ୟନ୍ତରୀଣ ମନ୍ତ୍ରୀ ମୁସ୍ତାଫା ପୋର ମୁହମ୍ମଦି, ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ମସୁଦ୍ ପେଜେସ୍କିଆ ଏବଂ ସଇଦି ଜାଲିଲି ଏହି ଚତୁର୍ଦ୍ଦଶ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିଲେ ।

# ଶିବରାଜ ସିଂ ଚୌହାନ

କେନ୍ଦ୍ର କୃଷି, କୃଷକ କଲ୍ୟାଣ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି ଫସଲ ସଂରକ୍ଷଣ ଏବଂ କୃଷିଜୀବୀଙ୍କ କ୍ଷତି ହ୍ରାସ କରିବା

ଲାଗି କେନ୍ଦ୍ର ସରକାର କୃଷି ଭିତ୍ତିଭୂମି ପାଣ୍ଠି ଗଠନ କରିଛନ୍ତି । ଏଥିରେ ପ୍ରାଥମିକ ସ୍ତରରେ ୧ ଲକ୍ଷ କୋଟି ଟଙ୍କା ପାଣ୍ଠି ଆକାରରେ ରଖାଯାଇଛି । କୃଷି ଭିତ୍ତିଭୂମି ପାଣ୍ଠି ଅଧୀନରେ ବ୍ୟାଙ୍କ ସୁଧ ଛାଡ଼ କରିବା ଦାବି ସଂକ୍ରାନ୍ତ ପରିସ୍ଥିତିକୁ ସ୍ୱୟଂଚାଳିତ ତଥା ତ୍ୱରାନ୍ୱିତ କରିବା ପାଇଁ ବିକଶିତ ଏକ ୱେବ୍ ପୋର୍ଟାଲର ଶୁଭାରମ୍ଭ କରି ମନ୍ତ୍ରୀ ଶ୍ରୀ ସିଂହ ଏହା କହିଛନ୍ତି । ସେ କହିଛନ୍ତି କୃଷକଙ୍କ ଆୟ ବୃଦ୍ଧି ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ । କୃଷି ଓ କୃଷକ କଲ୍ୟାଣ ବିଭାଗ ଏବଂ ନାବାର୍ଡର ମିଳିତ ସହଯୋଗରେ ବିକଶିତ ଏହି ୱେବ୍ ପୋର୍ଟାଲ୍ ସାହାଯ୍ୟରେ ଗୋଟିଏ ଦିନ ମଧ୍ୟରେ ଦାବି ଗୁଡ଼ିକର ସମାଧାନ ସମ୍ଭବ ହୋଇପାରିବ । ଏଭଳି ପଦକ୍ଷେପ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବ ବୋଲି ସେ କହିଛନ୍ତି ।

## ବଲିଭିୟା ବିଦ୍ରୋହ

ବଲିଭିୟାର ରାଷ୍ଟ୍ରପତି ଲୁଇସ୍ ଆର୍ସେ ଙ୍କ ବିପକ୍ଷରେ ବିଦ୍ରୋହ କରିଥିବା ଅଭିଯୋଗରେ ସେଠାକାର ଏକ ଅଦାଲତ ଜେନେରାଲ୍ ଜୁଆନ୍ ଜୋସ୍ ଜୁନିଗୋ ଏବଂ ଅନ୍ୟ ୨ ଜଣ ପୂର୍ବତନ ସାମରିକ ମୁଖ୍ୟଙ୍କୁ ୬ ମାସ ପାଇଁ ହାଜତକୁ ପଠାଇ ଦେଇଛନ୍ତି । ସେଠାକାର ସରକାରୀ ମନ୍ତ୍ରୀ ଏଡୁଓ୍ୱାର୍ଡୋ ଡେଲ୍ କାଷ୍ଟିଲୋ କହିଛନ୍ତି ଏହି ବିଦ୍ରୋହରେ ସଂପୃକ୍ତ ଥିବା ଅଭିଯୋଗରେ ଗତ ଗୁରୁବାର ଦିନ ୧୭ ଜଣଙ୍କୁ ଗିରଫ କରାଯାଇଛି । ସୂଚନାଯୋଗ୍ୟ ଜେନେରାଲ୍ ଜୁଆନ୍ ଜୋସ୍ ଜୁନିଗୋଙ୍କ ନେତୃତ୍ୱରେ ଶତାଧିକ ସୈନିକ ବଲିଭିୟାର ରାଜନୈତିକ ଶକ୍ତିର କେନ୍ଦ୍ରସ୍ଥଳ ମୁରୀଲୋ ଛକରେ ରାଷ୍ଟ୍ରପତି ଲୁଇସ୍ ଆର୍ସେଙ୍କୁ ପଦଚ୍ୟୁତ କରିବା ଲକ୍ଷ୍ୟ ନେଇ ବିଦ୍ରୋହ କରିଥିଲେ । ତେବେ ସରକାରୀ ସମର୍ଥକ ସୈନ୍ୟବାହିନୀ ସହାୟତାରେ ଏହି ବିଦ୍ରୋହକୁ ଦମନ କରାଯାଇଥିଲା ବୋଲି ଶ୍ରୀ କାଷ୍ଟିଲୋ କହିଛନ୍ତି ।

# ପିଏମ୍-ବୁକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟାନାଇଡୁଙ୍କ ଜୀବନ ଉପରେ ଆଧାରିତ ୩ଟି ପୁସ୍ତକର ଉନ୍ମୋଚନ କରିବେ । ଏହି ଆୟୋଜନ ଶ୍ରୀ ନାଇଡୁଙ୍କର ୭୫ତମ ଜନ୍ମଦିବସ ଉପଲକ୍ଷେ ହାଇଦ୍ରାବାଦର ଗାଚିବାଓ୍ୱଲିର ଅନ୍‌ବାୟା କନ୍‌ଭେନ୍‌ସନ ସେଣ୍ଟର ଠାରେ ଆୟୋଜିତ ହେବ । ପ୍ରଧାନମନ୍ତ୍ରୀ ଦ ହିନ୍ଦୁର ହାଇଦ୍ରାବାଦ ସଂସ୍କରଣର ପୂର୍ବତନ ସଂପାଦକ ଏସ୍. ନାଗେଶ କୁମାରଙ୍କ ଦ୍ୱାରା ଲିଖିତ ଜୀବନୀ ଭେଙ୍କେୟାନାଇଡୁ- ଲାଇଫ୍ ଇନ୍ ସର୍ଭିସ୍, ଭାରତର ପୂର୍ବତନ ରାଷ୍ଟ୍ରପତିଙ୍କ ସଚିବ ଥିବା ଏ.ଆଇ.ବି.ସୁବାରାଓଙ୍କ ଦ୍ୱାରା ସଂକଳିତ ଏକ ଫଟୋ କ୍ରୋନିକଲ୍ ସେଲିବ୍ରେଟି ଭାରତ-ଦ ମିସନ ଆଣ୍ଡ ମ୍ୟାସେଜ୍ ଅଫ୍ ଶ୍ରୀ ଏମ୍. ଭେଙ୍କୟାନାଇଡୁ ଇଜ୍-୩୦ ଭାଇସ୍ ପ୍ରେସିଡେଣ୍ଟ ଅଫ୍ ଇଣ୍ଡିଆ ଏବଂ ସଞ୍ଜୟ କିଶୋରଙ୍କ ଦ୍ୱାରା ସଂକଳିତ ତେଲୁଗୁ ଭାଷାରେ ସଚିତ୍ର ଜୀବନୀ ମହାନେତା-ଲାଇଭ୍ ଆଣ୍ଡ୍ ଜର୍ଣ୍ଣି ଅଫ୍ ଶ୍ରୀ ଏମ୍.ଭେଙ୍କେୟାନାଇଡୁର ଉନ୍ମୋଚନ କରିବେ ।

---

# ଧର୍ମପୁରୀ-ପରଲୋକ

ପୂର୍ବତନ ରାଜ୍ୟସଭା ସଦସ୍ୟ ଏବଂ ଅବିଭାଜିତ ଆନ୍ଧ୍ରପ୍ରଦେଶ ରାଜ୍ୟର ପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ଧର୍ମପୁରୀ ଶ୍ରୀନିବାସଙ୍କର ଆଜି ସକାଳେ ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା । ଧର୍ମପୁରୀ ଶ୍ରୀନିବାସ ତିନିଥର ୧୯୮୯, ୧୯୯୯

ଏବଂ୨୦୦୪ ମସିହାରେ ରାଜ୍ୟ ବିଧାନସଭା ପାଇଁ ନିର୍ବାଚିତ ହୋଇଥିଲେ । ୨୦୦୯ରେ ଶିକ୍ଷାମନ୍ତ୍ରୀ ଭାବରେ ସେ କାର୍ଯ୍ୟ କରିଥିଲେ ।

## କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍‌ରେ ଆଜି ଭାରତ' ଦକ୍ଷିଣ ଆଫ୍ରିକାକୁ ଭେଟିବ । ଭାରତୀୟ ସମୟ ରାତି ୮ଟାରେ ବାର୍‌ବାଡୋଜ୍ ଠାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ ।

ଦ୍ୱିତୀୟ ସେମିଫାଇନାଲ୍‌ରେ ଭାରତ' ଇଂଲଣ୍ଡକୁ ୬୮ରନ୍‌ରେ ପରାସ୍ତ କରି ଫାଇନାଲ୍‌କୁ ଉନ୍ନିତ ହୋଇଛି । ଅନ୍ୟ ପକ୍ଷରେ ପ୍ରଥମ ସେମିଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକା ଆଫ୍‌ଗାନିସ୍ତାନକୁ ୯ ଓ୍ୱିକେଟ୍‌ରେ ହରାଇ ପ୍ରଥମଥର ଲାଗି ଫାଇନାଲ୍‌ରେ ପ୍ରବେଶ କରିଛି । ଉଭୟ ଦଳ ଏହି ପ୍ରତିଯୋଗିତାରେ ଅପରାଜେୟ ରହି ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛନ୍ତି ।